# Akashvani, Sambalpur

## SAMBALPURI NEWS EVENING BULLETIN

## 13 April 2025- 7.02 pm- 7.12 pm.

*********************************************

୧- ପୁରୀ ଶ୍ରୀମନ୍ଦିର୍ ନ ଓଡ଼ିଆ ନୂଆଁବର୍ଷର୍ କେଲେଣ୍ଡର୍‌କେ ଲୋକାର୍ପଣ୍ କଲେ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶାର୍ ଖାଦ୍ୟ ପରମ୍ପରାକେ ବଂଚେଇ ରଖିବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ 'ଆମ ରୁଚି - ଆମ ଖାଦ୍ୟ' କାର୍ଯ୍ୟକ୍ରମ୍ ।

୩- ରାଏଜେ ହେବାର୍‌କେ ଥିବା ପଣା ସଂକ୍ରାନ୍ତି ଆଉ ହନୁମାନ୍ ଜୟନ୍ତୀ ପାଲନ୍ ଲାଗି ସୁରକ୍ଷା ବ୍ୟବସ୍ଥାକେ ତଦାରଖ୍ କଲେ ମୁଖ୍ୟ ଶାସନ୍ ସଚିବ ।

- ସମ୍ବଲ୍‌ପୁର୍ ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ଆଏବା କାଏଲ୍ ପାଲନ୍ ହେବା ହନୁମାନ୍ ଜୟନ୍ତୀ ।

ଆଉର୍

୩- ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ଭିତ୍‌ରିଆ ଇଲାକା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ହେଇପାରେ ବର୍ଷା ।

ମୁଖ୍ୟମନ୍ତ୍ରୀ- ପୁରୀ          ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ତର୍ଫୁ ବାହାରିଥିବା ଓଡ଼ିଆ କେଲେଣ୍ଡର୍‌କେ ଲୋକାର୍ପଣ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମନ୍ଦିର୍ ସୁଦୃଶ୍ୟ ସୂଚନା ପୁସ୍ତିକାକେ ଭିଲ୍ ମୁଖ୍ୟମନ୍ତ୍ରୀ ଲୋକାର୍ପଣ୍ କରିଛନ୍ । ଆଏବା କାଏଲ୍ ପଣାସଂକ୍ରାନ୍ତି ଅବ୍‌ସରେ ଓଡ଼ିଆ ନବବର୍ଷ ପାଲନ୍ ଲାଗି ରାଜ୍ୟବାସୀଙ୍କୁ ଶ୍ରୀ ମାଝୀ ଶୁଭେଚ୍ଛା ଜନେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । ଆଉ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଆଉ ସେବାୟତ୍‌ମାନେ ମାହାପୁରୁଙ୍କୁ ଲାଗି ହେଇଥିବା ଖଣ୍ଡୁଆ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଆଇନ୍‌ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଭିଲ୍ ଉପସ୍ଥିତ୍ ଥିଲେ ।

ରାଜ୍‌ଧାନୀ ଥାପ୍‌ନା ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଭୁବ୍‌ନେଶ୍ୱର୍ ନ ଆଏଜ୍ ୭୭ ନମ୍ବର୍ ରାଜ୍‌ଧାନୀ ଥାପ୍‌ନା ଦିବସ୍ ପାଲନ୍ କରାଯାଉଛେ । ସୂଚନା ଆଉ ଲୋକସମ୍ପର୍କ ବିଭାଗ୍

ତର୍ଫରୁ ହେଇଥିବା କାର୍ଯ୍ୟକ୍ରମ୍‌ରୁ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍‌ଧାନୀ ଶିଲାନ୍ୟାସ୍ ଫଳକ ଆଉ ଓଡ଼ିଶା ବିଧାନ୍‌ସୌଧ ଆଗାଡ଼େ ଥିବା ଶିଲାନ୍ୟାସ୍ ଫଳକ ଥି ଫୁଲ୍‌ମାଲ୍ ଦେବାର୍ ସହେତେ ପତାକା ଉତୋଲନ୍ କରିଛନ୍ । ଇ ଅବ୍‌ସରେ ଜୟଦେବ୍ ଭବନ୍ ଠାନେ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ଆୟୋଜନ୍ କରାଯାଇଛେ । ଆଏଜ୍ ବେଲ୍‌ବୁଡ଼େ ଉତ୍କଲ୍ ମଣ୍ଡପ୍ ଠାନେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ୍ ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫରୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବା । ଇ ଅବ୍‌ସରେ ୧୩ ଝନ୍‌କୁ ରାଜ୍‌ଧାନୀ ଗୌରବ୍ ସମ୍ମାନ୍ -୨୦୨୫ ଦିଆଯିବା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ରାଜ୍‌ଧାନୀର୍ ଥାପ୍‌ନା ଦିବସ୍ ଅବ୍‌ସରେ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ ।

ଗୃହ ବିଭାଗ୍- ପଦ୍‌ବୀ I&PR

ରାଏଜେ ଆଇନ୍‌ଶୃଙ୍ଖଲା ରକ୍ଷା ଅପରାଧ୍‌କେ ରୁକ୍‌ବାର୍ ଆଉ ସାଧାରଣ୍ ଲୁକର୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ପୁଲିସ୍‌ର ବଡ଼୍ ଭୂମିକା ରହିଛେ । ଇ ସବୁ କ୍ଷେତ୍ରଥି କ୍ଷମତାକେ ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍ ଗଲା ୬ ମାସ୍ ଭିତ୍‌ରେ ଓଡ଼ିଶା ପୁଲିସ୍ ନ ୧୬ ହଜାର୍ ୫୯ ଟା ନୂଆଁ ପଦ୍‌ବୀ ସୃଷ୍ଟି ଲାଗି ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ପୁଲିସ୍ ବାହିନୀର୍ ଭିନ୍ ଭିନ୍ ବିଭାଗ୍‌କେ ବର୍‌କସ୍ କର୍‌ବାର୍, ସୁରକ୍ଷା ବ୍ୟବସ୍ଥାଥି ହେଉଥିବା ଭିନ୍ ଭିନ୍ ଆହ୍ୱାନ୍‌କେ ମୁକାବିଲା କର୍‌ବାର୍ ସହେତେ ଆଇନ୍ ଶୃଙ୍ଖଲାଥି ଉନ୍ନତି ଆନ୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇକରି ଇ ପଦ୍‌ବୀ ମାନ୍ ସୃଷ୍ଟି କରାଯାଇଛେ । ପୁଲିସ୍ ବିଭାଗ୍‌ର ୯ ଟା କ୍ଷେତ୍ରଥି ଇ ନୂଆଁ ପଦ୍‌ବୀ ମାନ୍ ସୃଷ୍ଟି କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି         ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା କାଏଲ୍ ସର୍‌କାରୀ ଛୁଟି ଥିବାର୍‌ନୁ ହେଉଥିବା ଶୁଣାଣି  ବନ୍ଦ୍ ରହେବା । ପରବର୍ତ୍ତୀ ଅଭିଯୋଗ୍

ଶୁଣାଣିର୍ ତାରିଖ୍ ସାଧାରଣ୍ ଲୁକ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପୁରୀଧାଡ଼ି ଦର୍ଶନ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ନାଟମଣ୍ଡପ୍ ଠାନେ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ବହୁତ୍ ଜଲ୍‌ଦି ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବହୁତ୍ ଜଲ୍‌ଦି ପରିଚାଲନା କମିଟି ଗଠନ୍ କରାଯାଇକରି ନାଟମଣ୍ଡପ୍ ଭିତ୍‌ରେ ଥିବା ହୁଣ୍ଡିକେ ସ୍ଥାନାନ୍ତର୍ କରାଯିବା ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ । ଖରାକେ ନଜର୍‌ଥି ରଖିକରି ଖାସ୍ ସେଡ୍‌ର ବ୍ୟବସ୍ଥା କରାଯାଇଛେ । ଦିବ୍ୟାଙ୍ଗ ଆଉ ବରିଷ୍ଠମାନ୍‌କର୍ ଲାଗି ଖାସ୍ ଦର୍ଶନ୍ ବ୍ୟବସ୍ଥା ଭିଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଏଏସ୍‌ଆଇ ତର୍‌ଫୁ ଚାଲୁଥିବା ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ୍ ଖେପେ ପୁହୁଁଚିଛେ ଆଉ ମରାମତି କାମ୍ ଶେଷ୍ ହେବାର୍ ଉତ୍‌ରୁ ଅମୂଲ୍ୟ ରତ୍ନ ମାନ୍‌କର୍ ଗଣ୍ତି ମଣ୍ତି ମୁଲ୍ ହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓଡ଼ିଆ ପକ୍ଷ-ଆମ ରୁଚି ଆମ ଖାଦ୍ୟ

ସମ୍ବଲପୁର/ ସୁବର୍ଣ୍ଣପୁର/ କଲାହାଣ୍ଡି/ ବୌଦ୍ଧ

ରାଜ୍ୟ ସର୍କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା କାଏଲ୍ ୧୪ ତାରିଖ୍ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍ର ୧୩ ନମ୍ବର୍ ଦିନେ ଆଏଜ୍ 'ଆମ ରୁଚି ଆମ ଖାଦ୍ୟ' ଶୀର୍ଷକ ବିଷୟବସ୍ତୁ ଆଧାରିତ୍ କାର୍ଯ୍ୟକ୍ରମ୍‌ମାନ୍ ବ୍ଲକ୍, ଜିଲ୍ଲା ଆଉ ରାଜ୍ୟସ୍ତର୍ଥି ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଆମ ରୁଚି ଆମ ଖାଦ୍ୟ ଦିବସ୍ ଅଭିଯାନ୍ଥି ସାମିଲ୍ ହେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଇ ଅଭିଯାନ୍ଥି ସାମିଲ୍ ହେଇକରି ଓଡ଼ିଶାର୍ ଖାଦ୍ୟ ପରମ୍ପରାକେ ବଜାୟ ରଖିବାର୍ ସହେତେ ଖାଦ୍ୟ ଆଉ ସଂସ୍କୃତିକେ ବିଶ୍ୱସ୍ତର୍ଥି ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ ।

ସମ୍ବଲ୍‌ପୁର୍ ପାନ୍ଥନିବାସ୍ ଠାନେ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସର୍ଥି ପାରମ୍ପାରିକ୍ ଖାଦ୍ୟ ପସ୍‌ରା ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇ କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଳ୍ ଆଉ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗ୍ ଦେଇଥିଲେ । ସେନ୍ତା ଭିନ୍

ଭିନ୍ ଗାଁନୁ ଏସ୍ଏଚ୍ଜି ମହିଲାମାନେ ପାରମ୍ପାରିକ୍ ଖାଦ୍ୟ ଆନିକରି ପ୍ରଦର୍ଶନ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ପାରମ୍ପାରିକ୍ ଖାଦ୍ୟ ଉତ୍ସବ୍, ଜିଲ୍ଲା ସଦର୍ ମହକୁମା ସହେତେ ସବୁ ବ୍ଲକ୍ ନ ହେଇଯାଇଛେ । ଇ ଉତ୍ସବ୍ଥି ସହରାଂଚଲ୍ର ୧୦ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ୍ ନେଇକରି ପାରମ୍ପାରିକ୍ ଖାଏବାର୍ ଦରବ୍ ତିଆର୍ କର୍ବାର୍ ସହେତେ ପ୍ରଦର୍ଶନ୍ କରିଥିଲେ । ହଜି ଯାଉଥିବା ପାରମ୍ପାରିକ୍ ଖାଏବାର୍ ଦରବ୍କେ ଫେର୍ଘାଏ ପ୍ରଚଲନ୍ କର୍ବାର୍ ସହେତେ ନିଜର୍ ସଂସ୍କୃତିକେ ବଜାୟ ରଖ୍ବାର୍ ଲାଗି ଉପଜିଲ୍ଲାପାଲ୍ ସୌମ୍ୟରୂପା ରଥ ଆହ୍ୱାନ୍ ଦେଇଛନ୍ ।

କଲାହାଣ୍ଡି ଜିଲ୍ଲା ସଦର୍ ବ୍ରଜମୋହନ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ପାରମ୍ପାରିକ୍ ଖାଦ୍ୟ ଦିବସ୍ ପାଲନ୍ ଅଭିଯାନ୍ ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସମାଜ୍ କଲ୍ୟାଣ୍ ବିଭାଗ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱାନ୍ ଖାଦ୍ୟର୍ ମହତ୍ୱ ବାବ୍ଦେ ବୁଝେଇଥିଲେ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ନ ପଂଚାୟତିରାଜ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ର ସହଯୋଗ୍ଥି ଜିଲ୍ଲା ପ୍ରଶାସନ୍ ତର୍ଫୁ ‘ଆମ ରୁଚି ଆମ ଖାଦ୍ୟ’ କାର୍ଯ୍ୟକ୍ରମ୍ ହେଇଯାଇଛେ । ଓଡ଼ିଶାର୍ ପାରମ୍ପାରିକ୍ ଖାଏବାର୍ ଦରବ୍କେ ପ୍ରଚାର୍ ପ୍ରସାର୍ କର୍ବାର୍

ସହେତେ ଆଏବା ପିଢ଼ିକେ ଇ ବାବ୍‌ଦେ ଜନାବାର୍ ଉଦ୍ଦେଶ୍ୟଥି ଇ ଦିବସ୍ ପାଲନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ହନୁମାନ୍ ଜୟନ୍ତୀ-ସମୀକ୍ଷା ବୈଠକ୍        ପୁଲିସ୍ ପ୍ରେସ୍ ରିଲିଜ୍

ରାଏଜେ ଆଏବା କାଏଲ୍ ମହାବିଷୁବ ସଂକ୍ରାନ୍ତି ଆଉ ହନୁମାନ୍ ଜୟନ୍ତୀ ପାଲନ୍ ଲାଗି ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ କୁମାର୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ସମୀକ୍ଷା ବୈଠକ୍ ହେଇଯାଇଛେ । ହନୁମାନ୍ ଜୟନ୍ତୀକେ ଯେନ୍ତା ଶୃଙ୍ଖଲିତ୍ ଭାବେ ପାଲନ୍ କରାଯିବା ତାର୍ ଉପ୍‌ରେ ଶ୍ରୀ ଆହୁଜା ଜୋର୍ ଦେଇଛନ୍ ।

ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆ ସମ୍ବେଦନ୍‌ଶୀଲ୍ ଜିଲ୍ଲାମାନ୍‌କେ ପୁଲିସ୍ ତର୍‌ଫୁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ସାମାଜିକ୍ ଗଣମାଧ୍ୟମ୍‌ଥି ଗୁଜବ୍ ଆଉ ଭୁଲ୍ ତଥ୍ୟ ଉପ୍‌ରେ ନଜର୍ ରଖ୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ପଦଯାତ୍ରା ଆଉ ବାଇକ୍‌ରେଲି ସମିଆଥି ପୁଲିସ୍ ତର୍‌ଫୁ ଖାସ୍ ସୁରକ୍ଷା ବ୍ୟବସ୍ଥା କର୍‌ବାର୍‌କେ ସବୁ ଜିଲ୍ଲାର୍ ଏସ୍.ପି. ଆର୍ ବରିଷ୍ଠ

ପୁଲିସ୍ ଅଧିକାରୀମାନ୍‌କୁ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ । ଇତାର୍‌ଛଡ଼ା ଜୟନ୍ତୀ ଶୋଭାଯାତ୍ରା ସମିଆଥି ସାଧାରଣ୍ ଲୋକ୍‌ମାନ୍‌କର୍ ଯେନ୍ତା କେନ୍‌ସି ଅସୁବିଧା ନାଇଁ ହେବା ସେଥିର୍‌ଲାଗି ଖାସ୍ ଧ୍ୟାନ୍ ଦେବାର୍‌କେ ବୈଠକ୍‌ଥି ପୁଲିସ୍ ମହାନିର୍ଦ୍ଦେଶକ୍ ପରାମର୍ଶ ଦେଇଛନ୍ ।

ସମ୍ବଲପୁର-ହନୁମାନ୍ ଜୟନ୍ତୀ ସମ୍ବଲପୁର ସମ୍ବାଦଦାତା

ଆଏବା କାଏଲ୍ ସମ୍ବଲ୍‌ପୁର୍ ନ ହନୁମାନ୍ ଜୟନ୍ତୀ ମହାସମାରୋହଥି ପାଳନ୍ କରାଯିବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ସହରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ଗଲାକାଏଲ୍ ବେଲ୍‌ବୁଡ଼େ ସହରର୍ ସମ୍ବେଦନ୍‌ଶୀଲ୍ ଜାଗା ମାନ୍‌କେ ଫ୍ଲାଗ୍‌ମାର୍ଚ୍ଚ କରାଯିବାର୍ ସହେତେ ଚେକିଂ ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଇ ଅବ୍‌ସରେ ଆଏବା କାଏଲ୍ ମୁତୟନ୍ ହେବାର୍‌କେ ଥିବାର୍ ବେଲେ ଇହାଦେ ୩୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସଜାଗ୍ ଅଛନ୍ । ସମ୍ବଲ୍‌ପୁର୍ ସହରେ ଡ୍ରୋନ୍ ସର୍ଭିଲେନ୍ସ ଭିଲ୍ ଜାରି ରହିଛେ । ହନୁମାନ୍ ଜୟନ୍ତୀ ଲାଗି ସମ୍ବଲ୍‌ପୁର୍ ନ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ବାବ୍‌ଦେ ଉତରାଂଚଲ୍ ଆଇ.ଜି. ହିମାଂଶୁ ଲାଲ୍ କହିଛନ୍,

(ଭଏସ୍ ଓଭର୍- ଉତରାଂଚଲ୍ ଆଇ.ଜି. ହିମାଂଶୁ ଲାଲ୍)

ବିଜେପି ତାଲିମ୍ ଶିବିର ଆର୍‌ଏନ୍‌ୟୁ/ କଟକ୍

ପୁରୀଠାନେ ଚାଲିଥିବା ବିଜେପି ସାଂସଦ୍ ଆଉ ବିଧାୟକ୍‌ମାନ୍‌କର୍ ତାଲିମ୍ ଶିବିର୍‌ର ଆଏଜ୍ ଉଦ୍‌ଯାପନୀ ଦିବସ୍ । ତୃଣମୂଳସ୍ତର୍‌ଥି ଦଲ୍ ଆଉ ସର୍‌କାର୍‌ଙ୍କର୍ ଭିତ୍‌ରେ ସମନ୍ୱୟ ରଖିକରି ଭିନ୍ ଭିନ୍ ଯୋଜ୍‌ନାମାନ୍‌କୁ ଲୋକାଭିମୁଖୀ କର୍‌ବାର୍ ବାବ୍‌ଦେ ଶିବିର୍‌ଥି ତାଲିମ୍ ଦିଆଯାଉଛେ ।

ଓଡ଼ିଶା କ୍ରୀଡ଼ା -ପଦଯାତ୍ରା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭୀମ୍‌ରାଓ ଆମ୍ବେଦ୍‌କର୍‌ଙ୍କର୍ ଜନ୍ମ ଜୟନ୍ତୀ ପାଲନ୍ ଅବ୍‌ସରେ ଆଏଜ୍ ଓଡ଼ିଶା କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ଗୁଟେ ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ବହୁତ୍ ସଂଖ୍ୟାଥି ଯୁଆନ୍ ପିଲାଟୁକେଲ୍ ଆଉ ସ୍ୱେଚ୍ଛାସେବୀମାନେ ଇଥି ସାମିଲ୍ ହେଇଥିଲେ । ଇ ଅବ୍‌ସରେ ଯୁବ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍ ଆଉ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ଆୟକର ଦାଖଲ୍ ଆର୍‌ଏନ୍‌ୟୁ/ କଟକ୍

ଗଲା ଆର୍ଥିକ୍ ବଛର୍ ୨୦୨୪-୨୫ ଥି ଆୟକର୍ ରିଟର୍ଣ୍ଣ ଦାଖଲ୍‌ଥି ରେକର୍ଡ୍ ସଂଖ୍ୟକ ବୃଦ୍ଧି ହେଇଛେ । ଗଲା ମାର୍ଚ୍ଚ ମାସ ୩୧ ତାରିଖ୍‌ତକ୍ ୯ କୋଟି ୧୯ ଲାଖ୍ ଲୋକ୍ ଆୟକର୍ ରିଟର୍ଣ୍ଣ ଦାଖଲ୍ କରିଛନ୍ ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ୨୦୨୪ ମସିହାଥି ୮ କୋଟି ୫୨ ଲାଖ୍ ଲୋକ୍ ଆୟକର୍ ରିଟର୍ଣ୍ଣ ଦାଖଲ୍ କରିଥିଲେ । ମହାରାଷ୍ଟ୍ର ନ ସର୍ବାଧିକ୍ ୧ କୋଟି ୩୯ ଲାଖ୍ ଲୋକ୍ ଆୟକର ରିଟର୍ଣ୍ଣ ଦାଖଲ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ହପ୍ତା ଶେଷତକ୍ ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏଜ୍ ଆର୍ ଆଏବା କାଏଲ୍ ରାଜ୍ୟର୍ ସମୁଦ୍ରଖଁଡ଼ି, ଦକ୍ଷିଣ ଆର୍ ଭିତ୍‌ରିଆ ଜିଲ୍ଲାମାନ୍‌କର୍ କେତେଟା ଜାଗା ନ ଧୁକାଗର୍ଡ଼ି ଆର୍ ବର୍ଷାର୍ ଅନୁମାନ୍ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍ରେ ୮ ଟା ଜିଲ୍ଲା ସମ୍ବଲପୁର, ଝାର୍ସୁଗୁଡ଼ା, ଦେବ୍ଗଡ୍, ମୟୁର୍ଭଞ୍ଜ, ବାଲେଶ୍ୱର୍, କେନ୍ଦୁଝର, ସୁନ୍ଦର୍ଗଡ୍, ଅନୁଗୁଲ୍କେ ସତର୍କ ସୂଚ୍ନା ଜାରି କରାଯାଇଛେ ।